

ଢେଙ୍କାନାଳ ସହର ରିଜର୍ଭ ପୋଲିସ ଲାଇନ ପୂଜାମଣ୍ଡପରେ ମା' ଦୁର୍ଗାଙ୍କୁ ପୂଜା କରାଯାଉଛି।



କାଞ୍ଚନ ବଜାର ପୂଜା ମଣ୍ଡପ (ଫଟୋ-ମାନସ)

**ସଂକ୍ଷେପରେ**

## କବି ବୁଦ୍ଧଦେବଙ୍କ ସ୍ମୃତିଚାରଣ ସଭା

ଢେଙ୍କାନାଳ,୧୧।୧୦ (ରତନ ନାୟାର)

ଢେଙ୍କାନାଳ ଦେଉଳସାହିସ୍ଥିତ କବିଭୂଷଣ ମାର୍ଗସ୍ଥିତ କବି କୁଟୀର ସଭାଗୃହରେ କବି ବୁଦ୍ଧଦେବ ନାୟକଙ୍କ ସ୍ମୃତିଚାରଣ ସଭା ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଶୁକ୍ରବାର ପାଳନ କରାଯାଇଥିଲା । ପ୍ରାରମ୍ଭରେ କବି ବୁଦ୍ଧଦେବଙ୍କ ଲିଖିତ ଏକ ଭଜନକୁ ତାଙ୍କର ସୁପୁତ୍ର ଡଃ ପ୍ରମୋଦ କୁମାର ନାୟକ ଗାନ କରିଥିଲେ । ପ୍ରାକ୍ତନ ରାଜ୍ୟ ସାହିତ୍ୟ ଏକାଡେମୀ ସଦସ୍ୟ କବି ବାହାଦୂର ପାଟ୍ଟସାହାଣୀ, କବି ରବିନ୍ଦ୍ର କୁମାର ସାହୁ, ଡ. କବିତା ମହାନ୍ତି, ଡ. ସମୀର କୁମାର ସାହୁ, କବି ପ୍ରମୋଦ ପରିଡ଼ା, କବି ଲଳିତ ମୋହନ ବେହେରା, ସଭାପତିଙ୍କ ସମେତ ପାର୍ବଣରେ ଦଶହରାରେ ଦଶଭୂଜା ଓ ଉତ୍କଳମଣି ଗୋପବନ୍ଧୁଙ୍କ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କବିତା ପାଠ ଉତ୍ସବରେ କବି କାଦମ୍ବରୀ ମହାଖୁଡ଼, କବି ନିବେଦିତା ରଥ, କବି ମମତା ମହନ୍ତ, ବାହାଦୂର ପାଟ୍ଟସାହାଣୀ, ପ୍ରମୋଦ ପରିଡ଼ା, କବି ଲଳିତ କୁମାର ବେହେରା, କବି ଡଃ. କବିତା ମହାନ୍ତି, କବି ଆଲୋକ କୁମାର ଦାସ ପ୍ରମୁଖ କବିତା ପାଠ କରିଥିଲେ। କବି ବୁଦ୍ଧଦେବ ସ୍ମୃତି ସଂସଦ ପାଇଁ ଏକ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି କବି ବାହାଦୂର ପାଟ୍ଟସାହାଣୀ, ଉପସଭାପତି ଡଃ. ସମୀର କୁମାର ସାହୁ, ସଂପାଦକ ଡଃ. ପ୍ରମୋଦ କୁମାର ନାୟକ, ସହ-ସଂପାଦକ ବନମାଳି ନାୟକ, କୋଷାଧ୍ୟକ୍ଷ ପି. ଶ୍ୱେତପଦ୍ମା, ସଭ୍ୟ ଡଃ. କବିତା ମହାନ୍ତି, କୁମୁଦ ଚନ୍ଦ୍ର ନାୟକ, ଗିରିଧାରୀ ନାୟକ, ବନିତା ନାୟକ, ନିବେଦିତା ରଥ, ହାଡିବନ୍ଧୁ ନାୟକ, ଆଇନ୍ ପରାମର୍ଶଦାତା ଆଇନଜୀବୀ ଚିତ୍ରସେନ ନାୟକଙ୍କୁ ମନୋନିତ କରାଯାଇଥିଲା। କୋଷାଧ୍ୟକ୍ଷ ପି. ଶ୍ୱେତପଦ୍ମା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଟାଟାଷ୍ଟିଲ ପକ୍ଷରୁ ପରିବହନ ସୁରକ୍ଷାରେ ଉନ୍ନତି ପାଇଁ ଡିଜିଟାଲ ପ୍ରଯୁକ୍ତିର ଉପଯୋଗ

ଢେଙ୍କାନାଳ,୧୧।୧୦(ରତନ ନାୟାର)

ଟାଟାଷ୍ଟିଲ ମେରାମଣ୍ଡଳି (ଟିଏସ୍ଏମ୍) ପକ୍ଷରୁ କନେକ୍ଟେଡ୍ ଭେହିକିଲ ପ୍ଲାଟଫର୍ମ ଓ ଭେହିକିଲ ୩୬୦ଡିଗ୍ରୀ କମାଣ୍ଡ ଏକ୍ସେଣ୍ଟର ଜରିଆରେ ଉଲ୍ଲେଖନୀୟ ସୁରକ୍ଷା ମାଇଲଖୁଣ୍ଟ ହାସଲ କରାଯାଇଛି। ଏହି ଅତ୍ୟାଧୁନିକ ଡିଜିଟାଲ ବ୍ୟବସ୍ଥା ଭାରିଯାନ ଚଳାଚଳକୁ ନିୟନ୍ତ୍ରଣ କରୁଛି। ଯାହା ପ୍ଲାଣ୍ଟ ପରିଚାଳନାରେ ସୁରକ୍ଷା ଓ ଦକ୍ଷତାର ଉନ୍ନତି ପାଇଁ ଟିଏସ୍ଏମ୍‌ର ପ୍ରତିବଦ୍ଧତାକୁ ଦର୍ଶାଉଛି । ଟିଏସ୍ଏମ୍ ପକ୍ଷରୁ ଦୈନିକ ୧୦୦୦ରୁ ଉର୍ଦ୍ଧ୍ୱ ଭାରିଯାନ ଓ ଆର୍ଥ ମୁଭିଙ୍ଗ୍ ଉପକରଣ ଚଳାଚଳର ତଦାରଖ କରାଯାଏ । ଗାଡି ଗୁଡିକର ବାସ୍ତବ ସ୍ଥିତି ଜାଣିବା ଓ ସେଗୁଡିକ ଉପରେ ନିୟନ୍ତ୍ରଣ ହାସଲ କରିବା ଲାଗି ଦୀର୍ଘଦିନରୁ ରହିଥିବା ସମସ୍ୟାକୁ ଏହି ପ୍ଲାଟଫର୍ମ ମାଧ୍ୟମରେ ସମାଧାନ କରାଯାଇ ପାରିଛି। ପୂର୍ବରୁ ସୀମିତ ଯୋଗାଯୋଗ, ସୁରକ୍ଷା ଯାଞ୍ଚର ଅବ୍ୟବସ୍ଥା ଓ ନିୟମ ଉଲ୍ଲଂଘନ ମାମଲାଗୁଡିକର ଫଇସଲାରେ ବିଳମ୍ବ ଯୋଗୁ ଦକ୍ଷତାର ଅଭାବ ଦେଖାଦେବା ସହ ସମ୍ଭାବ୍ୟ ସୁରକ୍ଷା ବିପଦ ରହୁଥିଲା। କନେକ୍ଟେଡ୍ ଭେହିକିଲ ପ୍ଲାଟଫର୍ମ ଏକ



ସୁବ୍ୟବସ୍ଥିତ ପ୍ରଣାଳୀ। ଯାହା ୫ଜି ଉପଯୋଗ ମାଧ୍ୟମରେ ସମସ୍ତ ରେଳ ଓ ସଡକ ଚଳାଚଳର ୩୬୦ଡିଗ୍ରୀ ଦୃଷ୍ଟିକୋଣ ପ୍ରଦାନ କରି ପରିବହନର ତଦାରଖ ପାଇଁ ବ୍ୟାପକ ସମାଧାନ ପ୍ରଦାନ କରୁଛି । ଏହା ବିଭିନ୍ନ ସ୍ଥାନରୁ ସୂଚନା ସଂଗ୍ରହ କରିବା, ଏଆଇ ଓ ଆଇଓଟି-୨ ଭଳି ଆଧୁନିକ ପ୍ରଯୁକ୍ତି ବ୍ୟବହାର କରି ତଥ୍ୟ ହାସଲ କରିବା, ଅବ୍ୟବସ୍ଥିତ ସ୍ଥିତି ପାଇଁ ସମ୍ପୃକ୍ତ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା, ଏପିଆଇ-୩ ଜରିଆରେ ବିଭିନ୍ନ ପ୍ଲାଟଫର୍ମକୁ ଯୋଡିବା ଓ ପ୍ରାପ୍ତ ତଥ୍ୟକୁ ବ୍ୟବହାର କରି ବିଭିନ୍ନ କାର୍ଯ୍ୟପନ୍ଥାକୁ ପରିଚାଳନା କରିବାରେ ଏହା ସହଯୋଗ କରୁଛି । ଏହି ବ୍ୟବସ୍ଥା ସମ୍ପର୍କରେ ଟାଟାଷ୍ଟିଲ ମେରାମଣ୍ଡଳିର ଉପସଭାପତି (ଅପରେସନ୍ସ) ଉତ୍ତମ ସିଂହ କହିଛନ୍ତି ଯେ, ଟାଟାଷ୍ଟିଲ ମେରାମଣ୍ଡଳୀରେ ଆମେ ଏକ ସୁରକ୍ଷିତ ଓ ଅଧିକ କାର୍ଯ୍ୟ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ପ୍ରତିବଦ୍ଧ ରହିଛୁ । ଆମ କନେକ୍ଟେଡ୍ ଭେହିକିଲ ପ୍ଲାଟଫର୍ମ ବାସ୍ତବ ସମୟସ୍ଥିତି ଓ ଭାରିଯାନ ପରିଚାଳନା ଉପରେ ନିୟମନ୍ତ୍ରଣ ପ୍ରଦାନ କରି ମାଲ ପରିବହନ ଦିଗରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି । ଡିଜିଟାଲ ରୂପାନ୍ତରଣ ମାଧ୍ୟମରେ ସୁରକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିଥିବା ବେଳେ ନିୟମ ଅବମାନନା ସ୍ଥିତି କମ୍ କରିଛି ଏବଂ ଲଜିଷ୍ଟିକ୍ ପାଇଁ ଆବଶ୍ୟକ ଗାଡି ସଂଖ୍ୟାରେ ୫୦ ପ୍ରତିଶତ ହ୍ରାସ କରିଛି, ଯାହା ଫଳରେ ଆମର କାର୍ବନ ନିର୍ଗମନ ମାତ୍ରା କମ୍ ହୋଇଛି । ଏହି ବ୍ୟବସ୍ଥା ଦାୟିତ୍ୱବାନ ପରିଚାଳନା ଦିଗରେ ପ୍ରମାଣ । ଏହା ମାଧ୍ୟମରେ ଆଇଓଟି ବ୍ୟବହାର କରି ସୁରକ୍ଷା ଯନ୍ତ୍ରପାତି ଗୁଡିକର ବାସ୍ତବ ସ୍ଥିତି ନିୟନ୍ତ୍ରଣ କରାଯାଇ ପାରୁଛି । ଯେପରିକି ସୁରକ୍ଷା ବ୍ୟବସ୍ଥାରେ ସାମିଲ ଥିବା ଡିଆରସିଏସ୍, ଡିଏଫ୍ଏମ୍ଏସ୍, ଆଣ୍ଟି ଟିଲ୍ଟ ସେନସର, ପ୍ରୋକ୍ସିମିଟି ସେନ୍ସର, ରେୟାର ଭିଜନ କ୍ୟାମେରା ଆଦି ଅନ୍ତର୍ଭୁକ୍ତ। ସେହିପରି ଅତିରିକ୍ତ ସୁବିଧା ସୁଯୋଗ ଭାବେ ଏଥିରେ ଜିପିଏସ୍ ଟ୍ରାକିଂ, ଜିଓ ମ୍ୟାପିଂ, ଆରଏଫ୍ଆଇଡି ସେନ୍ସର, ଆସେଟ୍ ଅପଟିମାଇଜେସନ, ସ୍ମାର୍ଟ ଇନଭ୍ ଏସିଂ ଓ ସିଷ୍ଟମ ବେସ୍‌ଡ୍ ସେଫ୍‌ଟି ବ୍ୟବସ୍ଥା ରହିଛି । ସୁରକ୍ଷା ବ୍ୟବସ୍ଥାର ଏକ ସାମଗ୍ରୀକ ଦୃଷ୍ଟି କୋଣକୁ ସୁନିଶ୍ଚିତ କରିବା ଲାଗି ଏକ ଉତ୍ସର୍ଗିକୃତ ପରିଚାଳନା ବିଭାଗ ୨୪ଘଣ୍ଟା କାମ କରିବା ସହ ପ୍ଲାଣ୍ଟ ଭିତରେ ଥିବା ସମସ୍ତ ଗାଡିର ନିରୀକ୍ଷଣ କରୁଛି । ପ୍ରତିଟି ଗାଡିର ତ୍ରିସ୍ତରୀୟ ସୁରକ୍ଷା ଯାଞ୍ଚ କରାଯାଉଛି । ଏହି ପ୍ଲାଟଫର୍ମ ଦ୍ୱାରା ବେଗ ଉଲ୍ଲଂଘନ, ଡ୍ରାଇଭର ସତର୍କତା ଓ ଖାଲି ଛିଡା ହୋଇଥିବା ଗାଡିର ନୀରିକ୍ଷଣ ସମ୍ପର୍କିତ ସମସ୍ୟାରେ ଉନ୍ନତି ଆସିଥିବା ବେଳେ ଭେଣ୍ଡର ବିଲିଂ ପ୍ରକ୍ରିୟାକୁ ସ୍ୱୟଂକ୍ରିୟ ଭାବେ ସଂଗଠିତ କରି ଗାଡି ଉପଯୋଗୀତା ହାରକୁ ୪୫ ପ୍ରତିଶତରୁ ବଢାଇ ୭୫ ପ୍ରତିଶତ କରାଯାଇଛି ଏବଂ ମାଲ ପରିଚାଳନାରେ ବ୍ୟବହାର ହେଉଥିବା ଭାରିଯାନ ସଂଖ୍ୟାରେ ୫୦ପ୍ରତିଶତ ହ୍ରାସ ଘଟିଛି। ପ୍ରତି ଡ୍ରାଇଭରଙ୍କର ସ୍କୋରକାର୍ଡ ନିୟମିତ ଯାଞ୍ଚ କରାଯାଉଥିବା ବେଳେ ଶ୍ରେଷ୍ଠ ଡ୍ରାଇଭରଙ୍କୁ ପୁରସ୍କୃତ କରାଯାଉଛି । ସୁରକ୍ଷା ଉଲ୍ଲଂଘନକାରୀଙ୍କ ଉପରେ ଜରିମନା ଲାଗୁ କରାଯାଉଛି । ଟ୍ରାଫିକ ଓ ଯାନ ପରିଚାଳନାରେ ଉନ୍ନତି ଆଣି ଏହି ପ୍ଲାଟଫର୍ମ କାର୍ବନ ନିର୍ଗମନ କମ କରୁଛି । କନେକ୍ଟେଟ ଭେହିକିଲ ପ୍ଲାଟଫର୍ମ ପ୍ଲାଣ୍ଟର କନେକ୍ଟେଟ ୱାର୍କଫୋର୍ସ ପ୍ଲାଟଫର୍ମକୁ ସହଯୋଗ ପ୍ରଦାନ କରୁଥିବା ବେଳେ ଉଭୟ ଶ୍ରମଶକ୍ତି ଓ ପରିବହନର ସଠିକ୍ ପରିଚାଳନା କରିବାକୁ ଲକ୍ଷ୍ୟ ରଖିଛି । ଏକ ବ୍ୟାପକ ସୁରକ୍ଷା ପ୍ଲାଟଫର୍ମ ଜରିଆରେ ଏହି ବ୍ୟବସ୍ଥା ସୁରକ୍ଷାର ସଂସ୍କୃତି ପ୍ରତି ରହିଥିବା ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି ବୋଲି କମ୍ପାନୀ ପକ୍ଷରୁ ଜଣାଯାଇଛି ।

## ଜନ ସୁରକ୍ଷା ପରିଷଦର ବୈଠକ

ଢେଙ୍କାନାଳ,୧୧।୧୦(ରତନ ନାୟାର)

ଢେଙ୍କାନାଳ ଦଧିବାମନ ମଠ ପ୍ରାଙ୍ଗଣରେ ଢେଙ୍କାନାଳ ଜନ ସୁରକ୍ଷା ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପରିଷଦର ପୁରୁଣା କମିଟିକୁ ଭାଙ୍ଗି ଦିଆଯାଇ ଏକ ନୂତନ କମିଟି ସର୍ବସମ୍ମତି କ୍ରମେ ଗଠନ କରାଗଲା । ଏଥିରେ କବି ବାହାଦୂର ପାଟ୍ଟସାହାଣୀ ମୁଖ୍ୟ ଉପଦେଷ୍ଟା, ମଥୁରା ଚନ୍ଦ୍ର ସାହୁ, ଅନୱାର ମହମ୍ମଦ, ବିଶ୍ୱନାଥ ମହାପାତ୍ର, ହରିହର ସାହୁ ଓ ଡ. ପ୍ରମୋଦ କୁମାର ନାୟକ ଉପଦେଷ୍ଟା ମଣ୍ଡଳୀ, ସଭାପତି ଭାବେ ବିନାୟକ ପ୍ରସାଦ ଶତପଥୀ, ଉପସଭାପତି ଭାବେ ସୟଦ ସଫିର ଅଲ୍ଲୀ, ସଂପାଦକ ଭାବେ କମଳ କୁମାର ମିଶ୍ର, ଯୁଗ୍ମ ସଂପାଦକ ଭାବେ ସାଗିର ମହମ୍ମଦ, କୋଷାଧ୍ୟକ୍ଷ ଭାବେ ସ୍ମିତାରାଣୀ ସାମଲ, କାର୍ଯ୍ୟକାରୀ ସଭ୍ୟ ଭାବେ ରାମଚନ୍ଦ୍ର ଦେବତା, ଦେବ ପ୍ରସାଦ ମିଶ୍ର, ଫକୀର ମହୋନ ସାହୁ, ରୁବେନା ବେଗମ, ଭଗବତୀ ସାହୁ, ପଞ୍ଚାନନ ପାଲ ଓ ଅଧ୍ୟାପକ କ୍ଷୀରୋଦ ଚନ୍ଦ୍ର ନାୟକଙ୍କୁ ମନୋନୀତ କରାଗଲା । ବିଶିଷ୍ଟ ଶିଳ୍ପପତି ରତନ ଟାଟାଙ୍କ ବିୟୋଗରେ ତାଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ପ୍ରାର୍ଥନା କରାଗଲା । ସମସ୍ତ କର୍ମକର୍ତ୍ତା ଓ ସଭ୍ୟମାନେ ସମୟାନୁବର୍ତ୍ତିତା ହେବା ପାଇଁ ପରାମର୍ଶ ଦିଆଗଲା । ଶେଷରେ ଅନୱାର ମହମ୍ମଦ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶହୀଦ ବାଜିରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ



ଶହୀଦ ବାଜିରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ଢେଙ୍କାନାଳ,୧୧।୧୦(ରତନ ନାୟାର)

ଶହୀଦ ବୀର ବାଜି ରାଉତଙ୍କର ଶ୍ରାଦ୍ଧ ଉତ୍ସବ ଉପଲକ୍ଷେ ଶୁକ୍ରବାର ସକାଳ ୭ଟା ୧୫ମିନିଟରେ ଢେଙ୍କାନାଳ ସହର ବାଜିଚୌକଠାରେ ଥିବା ବାଜି ରାଉତଙ୍କ ପ୍ରତିମୂର୍ତ୍ତି ଓ ଶହୀଦ ମୀନାରରେ ମାଲ୍ୟାର୍ପଣ କରାଯାଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା । ଏସ୍‌ପି ଅଭିନବ ସୋନକର, ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶଚନ୍ଦ୍ର ସେଠି, ପୌର ଅଧକ୍ଷା ଜୟନ୍ତୀ ପାତ୍ର, ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ପୌର ନିର୍ବାହୀ ଅଧିକାରୀ ସୁକାନ୍ତ ବେଉରା, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସଙ୍କ ସମେତ ପୌର ସଂସ୍ଥାର କାଉନସିଲର ବୃନ୍ଦ, ଜିଲା ସୈନିକ ବୋର୍ଡ ସଦସ୍ୟ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବକ୍ତଶ୍ୱୀର ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ବନ୍ଧୁକ, ମାରଣାସ୍ତ୍ର ଓ ବାଇକ୍ ଛାଡି ଶିକାରୀ ଫେରାର

ଭୁବନ, ୧୧।୧୦ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବନାଞ୍ଚଳରେ ଦିନକୁ ଦିନ ବନ୍ୟଜନ୍ତୁ ଶିକାରୀଙ୍କ ଦୌରାତ୍ମ୍ୟ ବୃଦ୍ଧିପାଉଛି। ଭୁବନ ଗ୍ରାମର ଉତ୍ତର ଦିଗରେ ଭାରତୀ ପାହାଡ ଅବସ୍ଥିତ। ଏହି ପାହାଡ଼ରେ ବିଭିନ୍ନ ବନ ଜାତୀୟ ବୃକ୍ଷ ବଢିବା ସାଙ୍ଗକୁ ବନ୍ୟଜନ୍ତୁଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏଠାରେ ହଜାର ହଜାର ବାରହା, ଝିଙ୍କ, କୁଟୁରା, ଠେକୁଆ, ଭାଲୁ ଓ ହାତୀ ଆଦି ଜଙ୍ଗଲ ଯିବଜନ୍ତୁ ବସବାସ କରୁଛନ୍ତି। ଅନେକ ସମୟରେ



ଅଞ୍ଚଳର ଶିକାରୀମାନଙ୍କ ସହିତ ପଡୋଶୀ ଜିଲା ଯାଜପୁର ଜିଲାରୁ ଶିକାରୀମାନେ ଆସି ଜୀବଜନ୍ତୁମାନଙ୍କୁ ଶିକାର କରୁଛନ୍ତି ତ ଅନେକ ସମୟରେ ଜାତୀୟ ରାଜପଥରେ ଦୁର୍ଘଟଣାରେ ଜୀବଜନ୍ତୁ ମୃତ୍ୟୁବରଣ କରୁଛନ୍ତି। ଗୁରୁବାର ରାତିରେ ଭୁବନ ବନବିଭାଗ ଫରେଷ୍ଟର କଳ୍ପନା ବେହେରାଙ୍କ ତତ୍ତ୍ୱାବଧାନରେ ସମସ୍ତ ହାତୀ ସ୍କ୍ୱାର୍ଡ ଜଙ୍ଗଲ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ କେତେକ ଶିକାରୀଙ୍କ ତଥ୍ୟ ପାଇଥିଲେ। ଭାରତୀ ପାହାଡ଼ ପାଦଦେଶରେ ବ୍ରହ୍ମାନନ୍ଦ କଲୋନି ଗ୍ରାମ ନିକଟରେ କେତେଜଣ ଶିକାରୀ ବାରହା ଶିକାର ଉଦ୍ଦେଶ୍ୟରେ ୩ଟି ଦେଶୀ ବନ୍ଧୁକ ଓ ମାରଣାସ୍ତ୍ର ନେଇ ଛକି ବସିଥିଲେ। ବନ ବିଭାଗ ପାଟ୍ରୋଲିଂ କରିବା ସମୟରେ ଶିକାରୀମାନେ ସୁରାକ ପାଇ ଏକ ମୋଟର ସାଇକେଲ ସହିତ ଦେଶୀ ବନ୍ଧୁକ ଛାଡି ଜଙ୍ଗଲ ଭିତରକୁ ପଳାଇ ଯାଇଥିଲେ। ବନ ବିଭାଗ କର୍ମଚାରୀମାନେ ସେସବୁ ଜବତ କରିଥିଲେ।

## ଜୟପ୍ରକାଶ ଓ ବାଜିରାଉତଙ୍କ ତିରୋଧାନ ଦିବସ ପାଳିତ

ଢେଙ୍କାନାଳ,୧୧।୧୦(ରତନ ନାୟାର)

ଢେଙ୍କାନାଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆମ ପ୍ରତିଭା ଆମ ସମ୍ମାନ' ପକ୍ଷରୁ ବସ୍‌ଷ୍ଟାଣ୍ଡସ୍ଥିତ ଆଗେଇବା କାର୍ଯ୍ୟାଳୟ ଠାରେ ଜୟପ୍ରକାଶ ନାରାୟଣଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ପ୍ରିୟ ରଞ୍ଜନ ମାହୁନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ମହେଶ ସାହୁ ଯୋଗଦେଇ ଜୟ ପ୍ରକାଶଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏଥିସହିତ ବାଜିଚୌକସ୍ଥିତ ସହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ବାଜି ରାଉତ ଅମର ରହେ ବୋଲି ସ୍ଲୋଗାନ୍ ଦେଇଥିଲେ । ଭାରତ ବର୍ଷରେ ରାଜନୈତିକ ଆନ୍ଦୋଳନର ନୂତନ କର୍ଣ୍ଣଧାର ଜୟ ପ୍ରକାଶ ନାରାୟଣଙ୍କ ଅବଦାନ ସଂପର୍କରେ ଆଲୋକପାତ କରିଥିଲେ । ବକ୍ତା ଭାବେ ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ର ଯୋଗଦେଇ ଜୟ ପ୍ରକାଶଙ୍କ ସ୍ମୃତିଚାରଣ କରି ସଂପୂର୍ଣ୍ଣ କ୍ରାନ୍ତିର ବାର୍ତ୍ତାବହ ଭାବରେ ସାମାଜିକ ଆନ୍ଦୋଳନର ନେତୃତ୍ୱ ନେଇଥିଲେ, ଯାହାକି ପରବର୍ତ୍ତୀ ସମୟରେ ସମଗ୍ର ଭାରତୀୟ ରାଜନୈତିକ, ସାମାଜିକ ତଥା ନିସ୍ପେଷିତ ବର୍ଗର ସ୍ୱର ଭାବରେ ପରିଗଣିତ ହୋଇପାରିଥିଲା । ଏହି କାର୍ଯ୍ୟକ୍ରମ ଗୁଡିକରେ ଅନୁଷ୍ଠାନର ସଦସ୍ୟ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସଦାନନ୍ଦ ସେଠୀ, ସମାଜସେବୀ ଭରତ କୁମାର ଦାସ, ଆଇନ୍‌ଜୀବୀ ନବ କିଶୋର ସାହୁ, କିଶାନ୍ ବିଶ୍ୱାଳ, ପ୍ରତାପ କୁମାର ଦାସ, ସଦାଶିବ ମହାପାତ୍ର, ଶେଖର ସେଠୀ, ଦୁଷ୍ମନ୍ତ ମହାନ୍ତି, ଶ୍ୟାମସୁନ୍ଦର ସାହୁ, ସୁମନ୍ତ ସ୍ୱାଇଁ ପ୍ରମୁଖ ସାମିଲ୍ ଥିଲେ ।




ବାଜିରାଉତଙ୍କ ତିରୋଧାନ ଦିବସ ପାଳିତ।

# ଭୁବନରେ ଦୁର୍ଗାପୂଜା ପାଳିତ

ଭୁବନ, ୧୧।୧୦ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଏନଏସିରେ ପୂଜା ପାଉଥିବା ମା' ଦୁର୍ଗତୀ ନାସିନୀ ଦୁର୍ଗାଙ୍କ ଅଷ୍ଟମୀ ପୂଜା ଶୁକ୍ରବାର ମହାଆଡ଼ମ୍ବର ସହ ପାଳନ କରାଯାଇଛି। ଚଳିତ ବର୍ଷ ୧୩ଟି ସ୍ଥାନରେ ମା' ଦୁର୍ଗା ଓ ହରପାର୍ବତୀ ମେଢ଼ ପୂଜା ପାଉଛନ୍ତି। ସମସ୍ତ ମେଢ ନିକଟରେ ଅତ୍ୟାଧୁନିକ ତୋରଣ ସହିତ ଆଲୋକମାଳା ସହର ଶୋଭା ବର୍ଦ୍ଧନ କରୁଅଛି। ଅଷ୍ଟମୀ ପୂଜାରେ ସମସ୍ତ ମଣ୍ଡପରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରି ନିଜର ମାନସିକ ବ୍ରତ କରିଥାନ୍ତି। ଏଥିସହିତ ସହରରେ ବଳଦଯାତ୍ରା ପାଇଁ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଜମିବାରେ ଲାଗିଛି ।



# ଏକ ଦୃଢ଼ ବିରୋଧୀ ଦଳ ଗଣତନ୍ତ୍ରରେ ଅତ୍ୟନ୍ତ ଜରୁରୀ

**ପ୍ରଶାନ୍ତ ମିଶ୍ରଙ୍କ ପୁଣ୍ୟତିଥିରେ ଆଲୋଚନାଚକ୍ର**

ଢେଙ୍କାନାଳ,୧୧।୧୦(ରତନ ନାୟାର)

ଢେଙ୍କାନାଳ ସହର ଗାନ୍ଧୀ ଅଧ୍ୟୟନ କେନ୍ଦ୍ରଠାରେ ଗୁରୁବାର ବିଶିଷ୍ଟ ସମାଜବାଦୀ ନେତା ତଥା ଗାନ୍ଧୀ ଅଧ୍ୟୟନ କେନ୍ଦ୍ରର ପ୍ରତିଷ୍ଠାତା ସ୍ୱର୍ଗତ ପ୍ରଶାନ୍ତ ମିଶ୍ରଙ୍କ ପୂଣ୍ୟତିଥି ପାଳନ ଅବସରରେ ସାମ୍ପ୍ରତିକ ଭାରତର ଗଣତନ୍ତ୍ରରେ ବିରୋଧୀ ଦଳର ଭୂମିକା ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ଅତିଥି ବକ୍ତାମାନେ ପ୍ରଶାନ୍ତ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଅନୁଷ୍ଠାନର ସଭାପତି ଶିକ୍ଷାବିତ ଭବାନୀ ଶଙ୍କର ମିଶ୍ର, ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରି ଗଣତନ୍ତ୍ର ଶାସନ ବ୍ୟବସ୍ଥାର ଉତ୍ପତି ଓ ଅଭ୍ୟୁଥାନର ଇତିହାସକୁ ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଅଟଳ ବିହାରୀ ଦାସ, ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ, ସ୍କିଲ ଡେଭେଲପମେଣ୍ଟ ଉଦିତ ତାଣ୍ଡିଆ, ଜିଲା ବୁଦ୍ଧିଜୀବୀ ସଂଗଠନ ସଭାପତି ଡା. ତୁଷାରକାନ୍ତି ନାୟକ, ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ସରୋଜ ଶତପଥୀ, ବିଶିଷ୍ଟ ଗାନ୍ଧୀବାଦୀ ଅନ୍ତର୍ଯ୍ୟାମୀ ରଥ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ସ୍କିଲ ଡେଭେଲପମେଣ୍ଟ ତାଲିମ ନେଉଥିବା ୮୦ରୁ ଉର୍ଦ୍ଧ୍ୱ ଯୁବତୀ ଯୁବକ ମଧ୍ୟ ଉପସ୍ଥିତ ଥିଲେ। ଗାନ୍ଧୀବାଦୀ ନେତାମାନେ ଗାନ୍ଧୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ମତପ୍ରକାଶ ପାଇଥିଲା । ସେହିପରି ବିରୋଧୀ ଦଳମାନେ ମଧ୍ୟ ଗାନ୍ଧୀଜୀଙ୍କର ଆଦର୍ଶରେ ପରିଚାଳିତ ହେବା ଉଚିତ୍ । ଏକ ଦୃଢ ବିରୋଧୀ ଦଳ ଗଣତନ୍ତ୍ରରେ



ଅତ୍ୟନ୍ତ ଜରୁରୀ ବୋଲି ମତପ୍ରକାଶ ପାଇଥିଲା। ସେହିପରି କେତେକ ବକ୍ତା କେନ୍ଦ୍ର ସରକାରଙ୍କର କାର୍ଯ୍ୟକ୍ରମକୁ ସମର୍ଥନ କରିବା ସହିତ ତାଙ୍କର ସମସ୍ତ କାର୍ଯ୍ୟକୁ ବିରୋଧୀ ଦଳ ବିରୁଦ୍ଧାଚରଣ କରୁଛନ୍ତି ବୋଲି କହି ସମାଲୋଚନା କରିଥିଲେ । ବିରୋଧୀ ଦଳ ଗଣତନ୍ତ୍ରରେ ସରକାରଙ୍କୁ ପ୍ରଶ୍ନ କରିବା, ସମାଲୋଚନା କରିବା, ସରକାରଙ୍କୁ ଲୋକମାନଙ୍କ ନିକଟରେ ଉତରଦାୟୀ କରିବା, ଲୋକଙ୍କର ସମସ୍ୟାକୁ ଉପସ୍ଥାପନ କରିବା, ନାଗରିକ ମାନଙ୍କର ମୌଳିକ ଅଧିକାରୀ ଯେପରି କ୍ଷୁର୍ଣ୍ଣ ନ ହୁଏ ସେଥିପ୍ରତି ସଜାଗ କରିବା ଦାୟିତ୍ୱ ରହିଥିଲେ ମଧ୍ୟ ବିରୋଧୀ ମାନଙ୍କର କଣ୍ଠରୋଧ କରାଯାଉଛି ବୋଲି ଅନ୍ୟ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସରୋଜ ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଗାଡ଼ି ଜବତ, ୨ ଗିରଫ

ବଇଣ୍ଡା,୧୧।୧୦(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ଓ ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପୋଲିସ ଗୁରୁବାର ରାତିରେ ବିଭିନ୍ନ ସ୍ଥାନରେ ଗାଡ଼ିମୋଟର ଯାଞ୍ଚ କରିଛି। ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ବାଇକ୍, କାର୍ ଯାଞ୍ଚ କରିବା ବେଳେ ହଣ୍ଡପା ପୋଲିସ ଲୁହାମୁଣ୍ଡା ଅଞ୍ଚଳରୁ ପବନା ବେହେରାଙ୍କ ବାଇକ୍‌କୁ ଜବତ କରିଛି। ମଦ୍ୟପାନ କରି ବାଇକ୍ ଚଳାଉଥିବା ଅଭିଯୋଗରେ ପବନାଙ୍କୁ ଗିରଫ କରାଯାଇଛି। ସେହିପରି ଠାକୁରଗଡ଼ ଅଞ୍ଚଳର ପୁରୁଣାକୋଟ ଥାନା ଟାଇଁସି ଗ୍ରାମର ଅଞ୍ଜୁ ବେହେରାଙ୍କୁ ମଦ୍ୟପାନ କରି କାର୍ ଚଳାଉଥିବା ଅଭିଯୋଗରେ ପୋଲିସ ଗିରଫ କରିଛି। ଏଥିସହ ତାଙ୍କ ଗାଡ଼ିକୁ ଜବତ କରାଯାଇଛି।

# ରୁପା ଅଳଙ୍କାର ପିନ୍ଧି ଦର୍ଶନଦେଲେ ମା’

ବଅଁରପାଳ,୧୧।୧୦(ସୁବାସ ସାହୁ)



ବଅଁରପାଳ ବ୍ଲକ ନାଲ୍‌କୋ ନଗରରେ ଧୁମଧାମରେ ଦୁର୍ଗାପୂଜା ପାଳନ କରାଯାଉଛି। ଚଳିତବର୍ଷ ପୂଜା ୪୦ ବର୍ଷରେ ପହଞ୍ଚିଥିବା ବେଳେ ନାଲ୍‌କୋ ଶାରଦୀୟ ଦୁର୍ଗାପୂଜା କମିଟି ପକ୍ଷରୁ ସୁଉଚ୍ଚ ତୋରଣ ଆକର୍ଷଣର କେନ୍ଦ୍ର ପାଲଟିଛି। ଚଳିତବର୍ଷ ମା’ ଓ ପାର୍ଶ୍ୱ ଦେବଦେବୀ ସମୁଦାୟ ୨୩ କିଲୋ ଓଜନର ରୁପା ମୁକୁଟ ଓ ଗହଣା ପରିଧାନ କରି ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ନାଲ୍‌କୋ ନଗରର କୋଅପରେଟିଭ ମାର୍କେଟ କମ୍ପ୍ଲେକ୍ସ ପ୍ରାଙ୍ଗଣରେ ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା କମିଟି ପକ୍ଷରୁ ପ୍ରଥମେ ପୂଜା ମଣ୍ଡପରେ ମା’ ପୂଜା ପାଇଆସୁଥିଲେ। ବର୍ତ୍ତମାନ ଉକ୍ତ ମଣ୍ଡପ ଦେବୀ ପୀଠରେ ପରିବର୍ତ୍ତନ ହୋଇଛି। ବୁଧବାର ଷଷ୍ଠୀରେ ଅଧିବାସ କାର୍ଯ୍ୟ ଆରମ୍ଭ ହୋଇ ଗୁରୁବାର ମହାସପ୍ତମୀ ବିହିତ ପୂଜା, ଶୁକ୍ରବାର ମହାଅଷ୍ଟମୀ ପୂଜା କରାଯାଇଛି। ନବମୀ ଦିନ ଚରୁଅନ୍ନ ପ୍ରସାଦ ଓ ଦଶମୀ ଦିନ ନାଲ୍‌କୋର ଆଖପାଖ ଅଞ୍ଚଳର ପ୍ରାୟ ୫ ହଜାର ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଛି। ରବିବାର ଦଶମୀରେ ରାତି ୮ ଘଟିକାରେ କଲ୍ୟାଣମଣ୍ଡପ ପଛ ପାଖ ଷ୍ଟାଡିୟମ ପଡିଆ ଠାରେ ୧୩୦ ଫୁଟ ଉଚ୍ଚତାର ରାବଣ ପୋଡ଼ି ସହ ଆତସବାଜି କାର୍ଯ୍ୟକ୍ରମ କରାଯିବ। ସେହିପରି ଶୁକ୍ରବାରଠାରୁ ସୋମବାର ପର୍ଯ୍ୟନ୍ତ ସନ୍ଧ୍ୟା ୭ଘଟିକା ଠାରୁ ୧୧ ଘଟିକା ପର୍ଯ୍ୟନ୍ତ ୩ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ହୋଇଥିବା ପୂଜା କମିଟି ସଭାପତି ଶୁଭେନ୍ଦୁ ନାୟକଙ୍କ ସମେତ ସମସ୍ତ କର୍ମକର୍ତ୍ତା ପ୍ରକାଶ କରିଛନ୍ତି।



ବଅଁରପାଳ ବ୍ଲକ ନାଲ୍‌କୋ ଶାରଦୀୟ ଦୁର୍ଗାପୂଜା କମିଟି ପକ୍ଷରୁ ସୁଉଚ୍ଚ ତୋରଣ।



ଅନୁଗୋଳ ସହର ଗାନ୍ଧୀମାର୍ଗ ଛକ ପୂଜା କମିଟି ପକ୍ଷରୁ ହୋଇଥିବା ମେଢ଼। (ଫଟୋ- ବୁବୁ)

# ମଦ ଜବତ, ୩ ଗିରଫ

ବଇଣ୍ଡା,୧୧।୧୦(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ଓ ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପୋଲିସ ଗୁରୁବାର ରାତିରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଚୋରା ଦେଶୀ ଓ ବିଦେଶୀ ମଦ ଜବତ କରିଛି। ଏଥିସହ ୩ ଜଣଙ୍କୁ ଗିରଫ କରିଛି। ହଣ୍ଡପା ପୋଲିସ ବଇଣ୍ଡା ଛକରେ ଚଢ଼ାଉ କରି ଗାଁବଇଣ୍ଡା ଗ୍ରାମର କର୍ଣ୍ଣ ସାହୁଙ୍କ ଦୋକାନରୁ ୨୪ ବୋତଲ ବିଦେଶୀ ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରିଛି। ସେ ଚୋରାରେ ମଦ ବିକ୍ରି କରୁଥିବା ସମ୍ପର୍କରେ ହଣ୍ଡପା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଚଢ଼ାଉ କରିଥିଲା। ସେହିପରି ଚୁଳିଆପୁର ଗ୍ରାମରେ ଚଢ଼ାଉ କରି ଗୀତାଞ୍ଜଳି ବେହେରାଙ୍କ ଘରୁ ୬ ଲିଟର ଦେଶୀ ମଦ ଜବତ କରିଛି। ସେହିପରି ଠାକୁରଗଡ଼ ପୋଲିସ ଆରାମପୁର ଗ୍ରାମରେ ଚଢ଼ାଉ କରି ବିଶେଶ୍ୱର ବେହେରାଙ୍କ ଘରୁ ୭ ଲିଟର ଚୋରା ଦେଶୀ ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରିଛି। ଏ ନେଇ ଉଭୟ ଥାନାରେ ମାମଲା ରୁଜୁ କରାଯାଇଛି।

# ଯୁବକଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୧୧।୧୦(ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ସୋମନାଥପୁର ଗ୍ରାମର ନାଭି ବେହେରାଙ୍କୁ ସେହି ଗ୍ରାମର ଜନ୍ମେଶ୍ୱର ପୃଷ୍ଟି ଠେଙ୍ଗାରେ ମାଡ଼ ମାରିଥିବା ନାଭି ଗୁରୁବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୨୨୪/୨୪ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି. ନାଭି ଠାକୁରଗଡ଼ ଅଭିମୁଖେ ଆସୁଥିବା ବେଳେ ପୂର୍ବ ଶତ୍ରୁତାକୁ ନେଇ ଜନ୍ମେଶ୍ୱର ବାଟରେ ଅଟକାଇ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

# ବଅଁରପାଳରେ ଧୁମଧାମରେ ଦୁର୍ଗାପୂଜା



ବଅଁରପାଳ କଲେଜ ଛକ ପୂଜା କମିଟି ପକ୍ଷରୁ କରାଯାଇଥିବା ମେଢ଼।



ନୂଆହତା ଶିମିଳିସାହି ପୂଜା କମିଟି ଦୁର୍ଗା ବଜାର ମେଢ଼।

ବଅଁରପାଳ,୧୧।୧୦(ସୁବାସ ସାହୁ)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଅଞ୍ଚଳରେ ଧୁମ୍‌ଧାମରେ ଦୁର୍ଗାପୂଜା ପାଳନ କରାଯାଉଛି। ନୂଆହତା ଶିମିଳିସାହି ପୂଜା କମିଟି ପକ୍ଷରୁ ଦୁର୍ଗା ବଜାର ନିକଟରେ ଦୀର୍ଘ ୪୬ ବର୍ଷ ଧରି ମା’ଙ୍କ ପୂଜା କରାଯାଉଛି। ଶୁକ୍ରବାର ଅଷ୍ଟମୀରେ ରୀତିନୀତି ଅନୁଯାୟୀ ମା’ଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ମା’ ଭବାନୀ ପୂଜା ପ୍ରତିଷ୍ଠାନ ପକ୍ଷରୁ ପାଳନ ହେଉଥିବା ପୂଜା ଅବସରରେ ପ୍ରତି ସନ୍ଧ୍ୟାରେ ତଳମୂଳ ଅଞ୍ଚଳର ସଂକୀର୍ତ୍ତନମଣ୍ଡଳୀ ଦ୍ୱାରା ସଂକୀର୍ତ୍ତନ ପରିବେଷଣ କରାଯାଉଛି। ଶୁକ୍ରବାର ସନ୍ଧ୍ୟାରେ ଭକ୍ତମାନଙ୍କ ପାଇଁ ଖିରି ପ୍ରସାଦ ବ୍ୟବସ୍ଥା ହୋଇଥିଲା। ଶନିବାର ନବମୀ ପୂଜା ଅବସରରେ ମଧ୍ୟାହ୍ନରେ ଅନ୍ନପ୍ରସାଦ ବ୍ୟବସ୍ଥା ରହିଛି ବୋଲି ପୂଜା କମିଟି ସଭାପତି ସନ୍ତୋଷ ବେହେରା, ସମ୍ପାଦକ ଦିଲୀପ କୁମାର ସାହୁ, ହରିଶଚନ୍ଦ୍ର ସାହୁ, କ୍ରିଷ୍ଣା କମଳ ପରିଡ଼ା, ଶିବରାମ ଭୂତିଆ, ଗଣେଶ୍ୱର ସାହୁ, ପ୍ରିୟବ୍ରତ ଦାସଙ୍କ ସମେତ ସମସ୍ତ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ସେହିପରି ବଅଁରପାଳ କଲେଜ ଛକ ପୂଜା କମିଟି ପକ୍ଷରୁ ମହା ଆଡମ୍ବରରେ ଦୁର୍ଗାପୂଜା ପାଳନ କରାଯାଉଛି। ପୂଜା କମିଟି ଦୀର୍ଘ ୨୧ବର୍ଷ ହେବ ପୂଜା ପାଳନ କରିଆସୁଥିବା ବେଳେ ପ୍ରତ୍ୟେକ ସନ୍ଧ୍ୟାରେ ଭଜନ କୀର୍ତ୍ତନ କାର୍ଯ୍ୟକ୍ରମ କରାଯାଉଛି। ପୂଜା କମିଟି ସଭାପତି ତ୍ରିନାଥ ନାୟକ, ସମ୍ପାଦକ ପିଙ୍କୁ ନାୟକ, ଉପସଭାପତି ଆଦିତ୍ୟ ନାୟକଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିବା ସୂଚନା ମିଳିଛି।

# ମା’ଙ୍କ ଆଞ୍ଚାଲଡୁ ଲଟେରି ଉଠାଣ ଶେଷ



ବଅଁରପାଳ,୧୧।୧୦(ସୁବାସ ସାହୁ)

ବଅଁରପାଳ ବ୍ଲକ ନାଲ୍‌କୋନଗରଠାରେ ଶାରଦୀୟ ଦୁର୍ଗାପୂଜା କମିଟି ପକ୍ଷରୁ ଆଡ଼ମ୍ବରରେ ପୂଜା ପାଳନ କରାଯାଉଛି। ଏହି ଅବସରରେ ମହାଅଷ୍ଟମୀ ଅବସରରେ ଚଳିତ ବର୍ଷ ଆଞ୍ଚାଲଡୁ ଲଟେରି ଉଠାଣ କରାଯାଇଥିଲା। ଦୁର୍ଗାପୂଜା କମିଟି ସଦସ୍ୟ ବିନୋଦ ଶତପଥୀ ଲଡୁ ଉଠାଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ନାଲ୍‌କୋ କର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀନିବାସ ସୁବ୍ରମଣ୍ୟମ ନରେଲା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଜିଏମ ସତ୍ୟବାଦୀ ମିଶ୍ର, ଜିଜିଏମ ସିପିପି ଅମରେନ୍ଦ୍ର ମିଶ୍ର, ଜିଜିଏମ ଓ ଆଣ୍ଡ ଏମ୍ ସଚ୍ଚିଦାନନ୍ଦ ଜେନା, ଜିଏମ୍ ରାଜାରାମ ମିଶ୍ର, ସିଆଇଏସଏଫ ସିନିୟର କମାଣ୍ଡାଣ୍ଟ ହେମନ୍ତ କୁମାର ବର୍ମା, ଶ୍ରମିକ ନେତା ବିଭବ ଜେନା, ହେମନ୍ତ ପ୍ରଧାନ, ନିର୍ମଳ ସାମଲଙ୍କ ସମେତ ସମସ୍ତ ଶ୍ରମିକ ସଙ୍ଗଠନ କର୍ମକର୍ତ୍ତା ଯୋଗ ଦେଇଥିଲେ। ଚଳିତବର୍ଷ ଦ୍ୱିତୀୟ ଥର ପାଇଁ ତିନୋଟି ଲଡୁ ପ୍ରସ୍ତୁତ କରାଯାଇଥିଲା। ଆଞ୍ଚାଲଡୁର ଓଜନ ୩୩ କେଜି, ୨୧ କେଜି ଓ ୧୭ କେଜି ରଖାଯାଇଥିଲା। ଏହି ଲଟେରି ଉଠା କାର୍ଯ୍ୟକ୍ରମରେ ନାଲ୍‌କୋ ନଗରବାସୀ ଓ ନାଲ୍‌କୋ ଆଖପାଖ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନର ୫ଶହରୁ ଅଧିକ ଲୋକ ଭାଗ ନେଇଥିଲେ। ଅଷ୍ଟମୀ ପୂଜା ପୁଷ୍ପାଞ୍ଜଳି ଶେଷ ହେବା ପରେ ଲଟେରି ଉଠାଣ ହୋଇଥିଲା। ନାଲ୍‌କୋ ଜିଏମ୍ ସିଷ୍ଟମ ବିଭାଗର ରାଜାରାମ ମିଶ୍ର ପ୍ରଥମ କୁପନଧାରୀ ଭାବେ ୩୩କେଜି ଲଡୁର ଭାଗ୍ୟ ବିଜେତା, ଦ୍ୱିତୀୟ କୁପନଟି କୋଅପରେଟିଭ ମାର୍କେଟ କମ୍ପ୍ଲେକ୍ସ ପରିସରରେ ଥିବା ଯୁବ ବ୍ୟବସାୟୀ ବାପୁଜୀ ପ୍ରଧାନ ୨୧କେଜି ଲଡୁ ବିଜେତା ଓ ତୃତୀୟ କୁପନରେ ନାଲ୍‌କୋ ଫାଇନାନ୍ସ ବିଭାଗ କର୍ମଚାରୀ ଅମିର ସ୍ୱାଇଁ ୧୭ କେଜିର ଆଞ୍ଚା ଲଡୁ ପୁରସ୍କାର ଲାଭ କରିଥିଲେ।

# ଶହୀଦ ଦିବସରେ ବାଜି ରାଉତଙ୍କୁ ଶ୍ରଦ୍ଧାଞ୍ଜଳି

ଅନୁଗୋଳ,୧୧।୧୦ (ଜ୍ୟୋତିରଞ୍ଜନ ସାହୁ)



ଅନୁଗୋଳସ୍ଥିତ ବାଜି ରାଉତ ଛାତ୍ରାବାସ ପରିସରରେ ଦେଶର ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ଶହୀଦ ଦିବସ ଏବଂ ସ୍ୱାଧୀନତା ସଂଗ୍ରାମୀ ଉତ୍ତରା ଦେଶାଇଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଛାତ୍ରାବାସ ସମ୍ପାଦକ ଧନେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଉତ୍କଳ ଗାନ୍ଧୀ ସ୍ମାରକ ନିଧି ସଭାପତି କୃଷ୍ଣା ମହାନ୍ତି ଯୋଗଦେଇ ବାଜି ରାଉତ ଓ ଉତ୍ତରା ଦେଶାଇଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏଥିସହ ନୀଳକଣ୍ଠପୁରସ୍ଥିତ ବ୍ରାହ୍ମଣୀ ନଦୀଘାଟରେ ବ୍ରିଟିଶ ଫଉଜଙ୍କ ଗୁଳିରେ ଅନ୍ୟ ସାଥୀମାନଙ୍କ ସହିତ ଶହୀଦ ହୋଇଥିବା ବାଜି ରାଉତଙ୍କ ବଳିଦାନ ସ୍ୱାଧୀନତା ଲାଭ ଦିଗରେ ବାଟ ଦେଖାଇ ଥିଲା ବୋଲି ପ୍ରକାଶ କରିଥିଲେ। ସେହିପରି ନବକୃଷ୍ଣ-ମାଳତୀ ଚୌଧୁରୀଙ୍କ ଜ୍ୟେଷ୍ଠ କନ୍ୟା ଉତ୍ତରା ଜେଲ ଭିତରେ ଓ ବାହାରେ ଥିବା ସଂଗ୍ରାମୀମାନଙ୍କ ମଧ୍ୟରେ ଚିଠିପତ୍ର ଯୋଗାଇ ଦେବା କାରଣରୁ ଧରାପଡ଼ି ମାତ୍ର ୧୪ ବର୍ଷ ବୟସରେ କାରାଦଣ୍ଡ ଭୋଗିଥିଲେ। ଛାତ୍ରାବାସ ପରିଚାଳକ କୈଳାସ ଚନ୍ଦ୍ର ସାହୁ, ସାମାଜିକ କର୍ମୀ ପ୍ରଦ୍ୟୁମ୍ନ ନାୟକ, ଶକ୍ତି ବେହେରା, ଆଞ୍ଜେଲିସା ମହାରଣା, ସ୍ୱପ୍ନା ନାୟକ ଉଭୟ ସଂଗ୍ରାମୀଙ୍କ ସ୍ମୃତି ଚାରଣ କରିଥିଲେ। ସଭା ପ୍ରାରମ୍ଭରେ ସର୍ବଧର୍ମ ପ୍ରାର୍ଥନା, ଶାନ୍ତି ପାଠ, ସୂତ୍ରଯଜ୍ଞ ଅନୁଷ୍ଠିତ ହୋଇଥିଲା। ସୁଶ୍ରୀ ଲିପିକା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରସ୍ୱତୀ ସ୍ୱାଇଁ, ଲକ୍ଷ୍ମୀକାନ୍ତ ବିଶ୍ୱାଳ, ନାରାୟଣ ମିଶ୍ର, କ୍ଷୀରୋଦ ବିଶ୍ୱାଳ, ସ୍ୱର୍ଣ୍ଣଲତା ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଫପଣ୍ଡ ଫୁଟ୍‌ବଲ କପ୍ ଉଦ୍‌ଯାପିତ

ପାଲଲହଡ଼ା,୧୧।୧୦ (ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଫପଣ୍ଡ ଗ୍ରାମରେ ଫପଣ୍ଡ ନେହେରୁ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୩୬ ତମ ଫପଣ୍ଡ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ପାଲଲହଡ଼ା ପୂର୍ବତନ ବିଧାୟକ ମୁକେଶ କୁମାର ପାଲ ମୁଖ୍ୟଅତିଥି, ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀ ନାଏକ, ବାଲିପଶି ସରପଞ୍ଚ ଧୀରେଶ୍ୱରୀ ଗଡ଼ନାୟକ, ସମିତି ସଭ୍ୟା ମନ୍ଦାକିନୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ଦିବସରେ ଝାରସୁଗୁଡ଼ା ଏବଂ ସମ୍ବଲପୁର ବାଳିକା ଫୁଟ୍‌ବଲ ଦଳର ପ୍ରଦର୍ଶନୀ ମ୍ୟାଚ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା। ଫାଇନାଲ ମ୍ୟାଚ ଖଜୁରିଖମଣ ଏବଂ ବାରକୋଟିଆ ଫୁଟ୍‌ବଲ କ୍ଲବ ମଧ୍ୟରେ ଖେଳାଯାଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଫଳାଫଳ ନ ବାହାରିବାରୁ ଟାଇବ୍ରେକର୍ ମାଧ୍ୟମରେ ଖଜୁରିଖମଣ ଦଳ ବିଜେତା ହୋଇଥିଲା। ଚାମ୍ପିୟନ ଖଜୁରିଖମଣ ଦଳକୁ ୧୫ ହଜାର ଟଙ୍କା ଏବଂ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ରନର୍ସଅପ ବାରକୋଟିଆ ଦଳକୁ ୧୨ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଫପଣ୍ଡ ନେହେରୁ କ୍ଲବର ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।



# ୬ ବର୍ଷରେ ଗଲାଣି ୬ ହାତୀ ଜୀବନ

ବଇଣ୍ଡା,୧୧।୧୦ (ପରିକ୍ଷିତ ସାହୁ)



ଅନୁଗୋଳ ଜିଲା ଆଠମଲ୍ଲିକ ବନଖଣ୍ଡରେ ବାର୍‌ହା ଶିକାରୀଙ୍କ ବିଦ୍ୟୁତ୍ ଫାଶରେ ଯାଉଛି ହାତୀଙ୍କ ଜୀବନ। ଗତ ୬ ବର୍ଷ ମଧ୍ୟରେ ଏହି ବନଖଣ୍ଡର ବିଭିନ୍ନ ରେଞ୍ଜରେ ୬ଟି ହାତୀ ପ୍ରାଣ ହରାଇଥିବା ବେଳେ ସେଥିରୁ ଏକାଧିକ ହାତୀ ଏପରି ବିଦ୍ୟୁତ୍ ଫାଶର ଶିକାର ହୋଇଛନ୍ତି। ବିଶେଷକରି ହଣ୍ଡପା, ବାମୁର, ଧଣ୍ଡାତୋପା, ମାଧପୁର, ଆଠମଲ୍ଲିକ ରେଞ୍ଜରେ ହାତୀପଲ ଅନେକ ସମୟରେ ଗ୍ରାମାଭିମୁଖୀ ହୋଇ ଉପଦ୍ରବ କରୁଥିବାବେଳେ ଶିକାରୀଙ୍କ ବିଦ୍ୟୁତ୍ ଫାଶରେ ପଡ଼ି ପ୍ରାଣ ହରାଉଛନ୍ତି। ଏହାକୁ ନେଇ ବନ୍ୟପ୍ରାଣୀ ପ୍ରେମୀମାନେ ଚିନ୍ତାବ୍ୟକ୍ତ କରିବା ସହ ଆଠମଲ୍ଲିକ ଉପଖଣ୍ଡରେ ହାତୀ ଅସୁରକ୍ଷିତ ହୋଇପଡୁଥିବା ଅଭିଯୋଗ କରୁଛନ୍ତି।

ଆଠମଲ୍ଲିକ ବନଖଣ୍ଡ ଧଣ୍ଡାତୋପା ରେଞ୍ଜ୍ ଶିଶୁକଟାସ୍ଥିତ ବିଲମାଳରେ ଗତ ସୋମବାର ରାତିରେ ଏକ ଦନ୍ତା ହାତୀ ବାର୍‌ହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ଫାଶରେ ପଡି ପ୍ରାଣ ହରାଇଥିବା ପରିବେଶବିତ୍‌ଙ୍କୁ ବ୍ୟଥିତ କରିଛି। ଏହି ଘଟଣା ଏକମାତ୍ର ନୁହେଁ। ୨୦୧୮ ନଭେମ୍ବର ୧୪ରେ ହଣ୍ଡପା ରେଞ୍ଜ ସାପଘରା ପଞ୍ଚାୟତ ହେମାମୁରା ଜଙ୍ଗଲରେ ମଧ ଏକ ଦନ୍ତା ହାତୀର ଜୀବନ ବିଦ୍ୟୁତ୍ ଫାଶ ଯୋଗୁ ଯାଇଥିଲା। ସେହିପରି ୨୫ ନଭେମ୍ବର ୨୦୧୯ରେ ଏହି ପଞ୍ଚାୟତର ଟେଣ୍ଟଲି ଜଙ୍ଗଲରେ ଏକ ଦନ୍ତା ହାତୀର ମୃତ୍ୟୁ ହୋଇଥିଲା। ନାକିଚି ଜଙ୍ଗଲରେ ୫ ଜୁନ ୨୦୨୧ରେ ଏକ ମାଈ ହାତୀର ମୃତ୍ୟୁ ହୋଇଥିଲା। ମାଧପୁର ରେଞ୍ଜ ମୁଣ୍ଡାପଡା ଖେସ୍ରା ଜଙ୍ଗଲରେ ୧୫ ଅକ୍ଟୋବର ୨୦୨୨ରେ ଏକ ଅଣ୍ଡିରା ହାତୀର ଜୀବନ ଯାଇଥିଲା। ମାଧପୁର ରେଞ୍ଜ ସୀମାନ୍ତ ବାମୁର ରେଞ୍ଜ ଶାନ୍ତିପୁର ଜଙ୍ଗଲରେ ୨୮ ଅକ୍ଟୋବର ୨୦୨୨ରେ ମାଈ ହାତୀର ମୃତ୍ୟୁ ହୋଇଥିଲା। ଜଙ୍ଗଲରେ କାଠମାଫିଆମାନେ ସକ୍ରିୟ ହୋଇପଡ଼ିବା ସହ ଜଙ୍ଗଲରେ ଖାଦ୍ୟାଭାବ ଯୋଗୁ ବନ୍ୟପ୍ରାଣୀମାନେ ଗ୍ରାମାଭିମୁଖୀ ହେଉଛନ୍ତି। ଏହାର ସୁଯୋଗ ନେଇ ଶିକାରୀମାନେ ବାର୍‌ହା, କୁଟୁରା, ହରିଣ ଆଣି ଶିକାର ପାଇଁ ଗ୍ରାମ ପାଖ ଜଙ୍ଗଲରେ ବିଦ୍ୟୁତ୍ ଫାଶ ବସାଇ ଶିକାର କରୁଛନ୍ତି। ହେଲେ ଅନେକ ସମୟରେ ଉକ୍ତ ଫାଶରେ ହାତୀ ପଡ଼ି ପ୍ରାଣ ହରାଇବା ଘଟଣା ଏବେ ନିତିଦିନିଆ ହୋଇଗଲାଣି। ହାତୀଙ୍କ ସୁରକ୍ଷା ଉପରେ ସରକାର ଗୁରୁତ୍ୱ ଦେଉଥିଲେ ମଧ୍ୟ ତାହା ଠିକ୍ ଭାବରେ କାର୍ଯ୍ୟକାରୀ ହୋଇପାରୁ ନ ଥିବାରୁ

## ଆଠମଲ୍ଲିକ ବନଖଣ୍ଡରେ ଅସୁରକ୍ଷିତ ଗଜରାଜ

ଏପରି ସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଅନ୍ୟପଟେ ବନ ବିଭାଗ ପକ୍ଷରୁ ଶିକାରୀମାନଙ୍କ ଉପରେ କଡ଼ା ନଜର ରଖିବା, ସେମାନଙ୍କୁ ଧରାଯିବା ଦିଗରେ ବଳିଷ୍ଠ ପଦକ୍ଷେପ ନିଆଯାଉ ନାହିଁ। ବିଭାଗ ପକ୍ଷରୁ ବିଭିନ୍ନ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ କରାଯାଇ କାମ ସାରିଦିଆଯାଉଥିବାରୁ ହାତୀ ସହ ଅନ୍ୟ ବନ୍ୟପ୍ରାଣୀଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଆଠମଲ୍ଲିକ ଡିଏଫଓ ସନ୍ତୋଷ କୋପୁଲା କହିଛନ୍ତି, ହାତୀଙ୍କୁ ସୁରକ୍ଷା ଦେବା ପାଇଁ ବନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି। ବିଭିନ୍ନ ଗ୍ରାମରେ ବନ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। କିନ୍ତୁ ବାର୍‌ହା ଶିକାର କରିବା ପାଇଁ ବସାଯାଉଥିବା ବିଦ୍ୟୁତ୍ ଫାଶ ଜରିଆରେ ହାତୀ ପ୍ରାଣ ହରାଉଛନ୍ତି। ସାଧାରଣ ଲୋକେ ହାତୀକୁ ସୁରକ୍ଷା ଦେବା ଉପରେ ଗୁରୁତ୍ୱ ଦିଅନ୍ତୁ।

